**ଇଭିଏମ୍ ସଚେତନତା ଗାଡ଼ି ଉଦ୍‌ଘାଟିତ**
ବସ୍ତା, (ଡି.ଏନ.ଏ.): ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ମଙ୍ଗଳବାର ବସ୍ତା ଗସ୍ତରେ ଆସି ଇଭିଏମ୍ ସଚେତନତା ଗାଡ଼ି ଉଦ୍‌ଘାଟନ କରିଛନ୍ତି। ପ୍ରଚାର ସହ ଏହି ଗାଡ଼ି ଆଜିଠୁ ସମଗ୍ର ବ୍ଲକରେ ଗଡିବ। ଏହା ଫେବୃଆରୀ ଶେଷ ପର୍ଯ୍ୟନ୍ତ ଚାଲିବ। ଏଥିରେ କିଭଳି ଭୋଟଦାନ ହେଉଛି ଏବଂ ମତଦାନ ଠିକ୍ ଭାବେ ହେଉଛି କି ନାହିଁ ତାହା ଜନସାଧାରଣ ନିରୀକ୍ଷଣ କରିବେ ବୋଲି ଜଣାଯାଇଛି।



# ଶିମିଳିପାଳରେ ତାପମାତ୍ରା ଶୂନ ଡିଗ୍ରୀ

## ଜିଲାରେ ପ୍ରବଳ ଥଣ୍ଡା ସହିତ କୁହୁଡ଼ିଆ ପାଗ

ବାରିପଦା,୧୬।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମାସକ ପରେ ପୁଣି ଫେରିଛି ହାଡ଼ଭଙ୍ଗା ଶୀତ। ଦିନ ତମାମ କୁହୁଡ଼ିଆ ପାଗ ସାଙ୍ଗକୁ ଶୁଖୁଲିଆ ପବନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ୁଛି। ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ସେଲସିୟସ ହୋଇଛି। ଫଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଅଭୟାରଣ୍ୟର ଉପର ବାରହାକାମୁଡ଼ା ରେଞ୍ଜରେ ଶୂନ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଚହଲା, ନଅାଁଣା, ବରେହିପାଣି, କାଇଝରୀ, ରାମତୀର୍ଥ ଓ ଗୁଡ଼ଗୁଡ଼ିଆ ଅଞ୍ଚଳରେ ତାପମାତ୍ରା ହ୍ରାସ ପାଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କହିଛନ୍ତି। ଗତ ୨୪ଘଣ୍ଟା ମଧ୍ୟରେ ଜିଲାରେ ସର୍ବନିମ୍ନ ତାପମାତ୍ରା ୧୨ଡିଗ୍ରୀ ତଳେ ରହିଥିବା ବେଳେ ଶିମିଳିପାଳରେ ଶୂନ ଡିଗ୍ରୀ ସେଲସିୟସ ରହିଛି । ବନ ବିଭାଗର ସ୍ୱତନ୍ତ୍ର ତାପମାତ୍ରା ମାପ ଯନ୍ତ୍ରରେ ରେକର୍ଡ ହୋଇଥିବା ତଥ୍ୟ ଅନୁଯାୟୀ ମଙ୍ଗଳବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟର ରାମତୀର୍ଥଠାରେ ୧୩ ଡିଗ୍ରୀ, ଗୁଡ଼ଗୁଡ଼ିଆରେ ୧୧, କାଇଝରୀରେ ୧୨, ବରେହିପାଣିରେ ୧୧, ଚହଲାରେ ୫, ନଅାଁଣାରେ ୯ ଓ ଉପର ବାରହାକାମୁଡ଼ାରେ ଶୂନ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ଜିଲାର ୬ଟି ବ୍ଲକରେ ଶୀତର ଲହରୀ ସାଙ୍ଗକୁ କୁହୁଡ଼ିଆ ପାଗ ଲାଗିରହିଛି। ମକର ମେଳାରେ ବିଶେଷ ଭିଡ଼ ପରିଲକ୍ଷିତ ହେଉ ନ ଥିବା ଦେଖିବାକୁ ମିଳିଛି। ଶୀତ ପାଇଁ ଦିନ ତମାମ ଗାଁରୁ ସହର ପର୍ଯ୍ୟନ୍ତ ଚଳପ୍ରଚଳ କମ ଦେଖିବାକୁ ମିଳୁଛି। ଅତ୍ୟଧିକ ଶୀତ ଯୋଗୁ ବୃଦ୍ଧବୃଦ୍ଧା, ଶିଶୁ, ଗୃହପାଳିତ ପଶୁପକ୍ଷୀ ତଥା ବନ୍ୟଜନ୍ତୁ କଷ୍ଟ ଭୋଗୁଛନ୍ତି। ସନ୍ଧ୍ୟାରେ ଗାଁଗଣ୍ଡା ଶୁନଶାନ ହୋଇଯାଉଛି । ଗ୍ରାମାଞ୍ଚଳର ଲୋକେ ନିଆଁ ଜାଳି ଶୀତ କଷ୍ଟରୁ ଲାଘବ କରୁଛନ୍ତି। ରାତି ୮ଟା ପରେ ସହର ବଜାର ଜନଶୂନ୍ୟ ହୋଇପଡ଼ୁଛି। ଦିନ ତମାମ ଶୀତ ବସ୍ତ୍ର ପିନ୍ଧି ଲୋକେ ଚଳପ୍ରଚଳ କରୁଛନ୍ତି। ସକାଳେ କୁହୁଡି ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି।

# ଏବେ ବି ଖୋଜାପଡ଼େ ତିଳଉ ଖଜା



ବାହାନଗା,୧୬।୧(ଅରୂପ କୁମାର ଦାସ)

ମକର ସଂକ୍ରାନ୍ତି ଆସିଲେ ଖୋଜାପଡେ ତିଳଉ ଖଜା। ସଂକ୍ରାନ୍ତ ପୂର୍ବ ଦିନ ସମସ୍ତେ ବଜାରରୁ ତିଳଉ କିଣି ଘରକୁ ନେଇଥାନ୍ତି। ବର୍ଷ ବର୍ଷ ଧରି ମକର ଚାଉଳ ସହିତ ତିଳଉର ସମ୍ପର୍କ ରହିଆସିଛି। ବାଲେଶ୍ୱର ଜିଲା ସହ ଭଦ୍ରକ ଜିଲାରେ ତିଳଉର ଚାହିଦା ରହିଛି । ମକର ସଂକ୍ରାନ୍ତ ଦିନ ଚୂଡା ତିଳଉ ଭାର ଧରି ପରିବାର ଲୋକ ବିବାହିତା ଝିଅ ଘରକୁ ଯାଇଥାନ୍ତି। ଯଦି ସଂକ୍ରାନ୍ତି ଦିନ ବାପ ଘରୁ କେହି ତିଳଉ ଚୂଡା ଭାର ନେଇ ଯାଇପାରିନାହାନ୍ତି ତା'ହେଲେ ପରେ ବଜାରରୁ ବିକ୍ରି ହେଉଥିବା ତିଳଉ ଓ ଚୂଡା ମିଠା, ପିଠା ପଣା ଧରି ଯାଇଥାନ୍ତି। ଏହି ତିଳଉ ବାହାନଗା ବ୍ଲକ ସାହାସପୁରା ଗ୍ରାମର ଦୁଇଟି ପରିବାର ସଦସ୍ୟମାନେ ତିଆରି କରି ବିଭିନ୍ନ ବଜାରର ମିଠା ଦୋକାନୀମାନଙ୍କୁ ବିକ୍ରି କରିଥାନ୍ତି। ଏହି ଦୁଇ ପରିବାର ଦୀର୍ଘ ୧୨ବର୍ଷ ଧରି ଏହି ତିଳଉ କାରିଗର ଭାବେ ପରିଚିତ ହେବା ସହିତ ବେପାର କରି ଭଲ ଦୁଇ ପଇସା ରୋଜଗାର କରିବାରେ ସକ୍ଷମ ହେଉଛନ୍ତି । ଗ୍ରାମର ନିରଞ୍ଜନ ସାହୁ ଓ ଗଜେନ୍ଦ୍ର ସାହୁଙ୍କ ପରିବାରର ସଦସ୍ୟମାନେ ତିଳଉ ତିଆରି କରି ବେପାରୀଙ୍କୁ ବିକ୍ରି କରିଥାନ୍ତି।

ସେମାନଙ୍କଠାରୁ ବାଲେଶ୍ୱର ଜିଲାର ଗୋପାଳପୁର ଜଳେଶ୍ୱର, ବାହାନଗା, ସୋର, ଡୁଡୁଗଡିଆ, ଖଇରା, ଔପଦା, ଭଦ୍ରକ ଜିଲାର ବାସୁଦେବପୁର, ଧାମରା, ମନ୍ଦାରି ଆଦି ଅଞ୍ଚଳକୁ ତିଳଉ ପଠାଇଥାନ୍ତି। ତେବେ ଏହି ତିଳଉ ଚିନି ଓ ଗୁଡରେ ତିଆରି ହୋଇଥାଏ। ବଜାରରେ ତିଳଉର ଦର କିଲୋ ପ୍ରତି ଶହେ ଟଙ୍କା। ଚିନିର ତିଆରି ତିଳଉକୁ ଭଲ ଭାବେ ସିରାରେ ପାଗ କରାଯିବା ସହିତ ତାହା ପାଗ ହେଲା ପରେ ଏକ ସ୍ଥାନରେ ଢଳାଯାଇ ଥଣ୍ଡା କରାଯାଇଥାଏ। ତାକୁ ଏକ ଉଚ୍ଚା ସ୍ଥାନରେ ଟଙ୍ଗା ଯାଇ ଖଞ୍ଚାଯାଇଥାଏ। ଭଲ ଭାବେ ସେହି ସିରାକୁ ଟଣାଯାଇ ଗୁଡାଇ ଗୋଲ ଗୋଲ କରି କଟାଯିବା ପରେ ଚୂନା ଉପରେ ରଖାଯାଇ ଥାପି ଦିଆଯାଇଥାଏ। ପରେ ସେଗୁଡିକୁ ଆଞ୍ଚରେ ରଖାଯାଇ ସେକା ଯାଇଥାଏ। ସେକିବା ପରେ ଯାଇ ତିଳଉ ପ୍ରସ୍ତୁତ ହୋଇଥାଏ। ଏନେଇ ପରିବାର ସହିତ ଅନ୍ୟ କାରିଗର ରଖି କାମ କରିଥାନ୍ତି। ଏଥିନିମନ୍ତେ ସେମାନେ ୨ଲକ୍ଷରୁ ଅଧିକ ଟଙ୍କା ପୁଞ୍ଜି ବିନିଯୋଗ କରିଥିବା କହିଛନ୍ତି। ଫଳରେ ଡିସେମ୍ବରଠାରୁ ଜାନୁଆରୀ ପର୍ଯ୍ୟନ୍ତ ସେମାନେ ତିଳଉ ତିଆରି କରି ବିଭିନ୍ନ ଅଞ୍ଚଳକୁ ପଠାଇଥାନ୍ତି । ଏ ବିଷୟରେ ନିରଞ୍ଜନ କୁହନ୍ତି ତିଳଉ କରିବା ପାଇଁ ୨ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ସେଥିରୁ ଏପର୍ଯ୍ୟନ୍ତ ଲାଭ ପାଇସାରିଲେଣି । ଏଥିରେ ଆମ ପରିବାର ସମେତ ୨ଜଣ କାରିଗରଙ୍କୁ ରଖି ସେମାନଙ୍କୁ ଦରମା ଦେଉଛନ୍ତି। ସେହିପରି ଗଜେନ୍ଦ୍ର ସାହୁ କୁହନ୍ତି ଏଥିରେ ସେ ୩ ଲକ୍ଷ ଟଙ୍କାର ଚିନି, ଗୁଡ ସମେତ କଳାଜିରା ଖସା ଆଦି କିଣିବା ସହିତ ଅନ୍ୟ ସାମଗ୍ରୀରେ ଟଙ୍କା ବିନିଯୋଗ କରିଥିଲେ। ମାତ୍ର ଚଳିତବର୍ଷ ଭଲ ତିଳଉ ବେପାର ହୋଇଛି । ମୋତେ ମୋ ସ୍ତ୍ରୀ, ପୁଅ, ବୋହୂ ଆଦି ସହଯୋଗ କରିଥାନ୍ତି ।

## ସଂକ୍ଷେପରେ

### କାର ଚକ ଖୋଲି ନେଇଗଲେ

ଢେଙ୍କିକୋଟ,୧୬।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ଏକ ବ୍ୟବସାୟିକ ବ୍ୟାପ୍ତ ବହୁଳ ବଜାର। ଏଠାରେ ୩୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଚୋରମାନେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଚୋରି, ରାହାଜାନୀ, ଡକାୟତି ଆଦି କରୁଛନ୍ତି। ସୋମବାର ରାତିରେ ଢେଙ୍କିକୋଟ ଦଳେଇ ସାହିସ୍ଥିତ ସ୍ୱର୍ଗତ କୈଳାସ ଚନ୍ଦ୍ର ସାହୁଙ୍କ ଘର ସମ୍ମୁଖରେ ତାଙ୍କ ପୁଅ ସତ୍ୟବ୍ରତ ସାହୁଙ୍କ କାରର ପଛ ଦୁଇ ଚକା, ଷ୍ଟେପିନ ସମେତ ପଛ ସିଟକୁ ଦୁର୍ବୃତ୍ତମାନେ ଚୋରି କରି ନେଇ ଯାଇଛନ୍ତି। ଇଟା ମାଧ୍ୟମରେ ଗାଡ଼ିଟିକୁ ଛିଡ଼ା କରି ଚକା ଗୁଡ଼ିକ ଖୋଲି ନେଇଯାଇଛନ୍ତି। ଶନିବାର ଏଠାରେ ସାପ୍ତାହିକ ହାଟ ବସିଥାଏ। ହାଟକୁ ଦୂର ଦୁରାନ୍ତରରୁ ଆସୁଥିବା ଲୋକଙ୍କ ବାଇକ୍ ମଧ୍ୟ ଚୋରି ହେଉଥିବା ନଜିର ରହିଛି। କାର ଚକା ଚୋରି ସମ୍ପର୍କରେ ସତ୍ୟବ୍ରତ ଢେଙ୍କିକୋଟ ପୋଲିସ ବିଟ୍ ହାଉସରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କର କୌଣସି ସନ୍ଧାନ ମିଳି ପାରିନାହିଁ। ବିଟ୍ ହାଉସ୍‌ରେ ଥିବା ପୋଲିସ ଭ୍ୟାନ୍ ଅବସ୍ଥା ଠିକ୍ ନ ଥିବାରୁ ରାତ୍ରିକାଳୀନ ପାଟ୍ରୋଲିଂ ହୋଇ ପାରୁ ନ ଥିବା କୁହାଯାଇଛି। ଏଥିପ୍ରତି ଜିଲା ଏସପି ଦୃଷ୍ଟି ଦେବା ପାଇଁ ଢେଙ୍କିକୋଟ ବଣିକ ସଂଘ ସଭାପତି ରାଜକିଶୋର ସାହୁ ଦାବି କରିଛନ୍ତି।

### ୬.୪ ଗ୍ରାମ ବ୍ରାଉନସୁଗାର ଜବତ,୨ ଗିରଫ

ବାରିପଦା,୧୬।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଟାଉନ ଥାନା ପୋଲିସ ପାଲବଣି ନିକଟସ୍ଥ ନିକୋ ଫାକ୍ଟ୍ରି ଛକଠାରେ ଚଢ଼ାଉ କରି ୬.୪ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ବିଜୟରାମଚନ୍ଦ୍ରପୁର ଅଞ୍ଚଳର ଚନ୍ଦନ ଶେଖର ପାତ୍ର ଓ ମାହେଶ୍ୱରୀ ନାଇଡୁ। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୯/୨୪)ରୁଜୁ ହୋଇଥିବା ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆସି ବାରିପଦା ସହରରେ ବିକ୍ରି ହେଉଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।

### ମହିଳାଙ୍କଠାରୁ ଟଙ୍କା, ମୋବାଇଲ ଛଡ଼ାଇ ନେଲେ

ପାଟଣା,୧୬।୧(ବୀର କିଶୋର ଦାଶ)

ମକର ପର୍ବରେ କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ମଙ୍ଗଳବାର ତୁରୁମୁଙ୍ଗା ବଜାରରେ ନିନ୍ଧିଆ ଗ୍ରାମର ତ୍ରିବେଣୀ ସିଂ ନାମ୍ନୀ ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ଅପରାହ୍ନରେ ତୁରୁମୁଙ୍ଗା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ସେ ୩୦ ହଜାର ଟଙ୍କା ଉଠାଇ ଝିଅ ଲକ୍ଷ୍ମୀପ୍ରିୟା ସହ ସ୍କୁଟି ଯୋଗେ ଆସି ତୁରୁମୁଙ୍ଗା କଲେଜ ଛକ ନିକଟସ୍ଥ ଏକ ଦୋକାନରୁ ନାତୁଣୀ ପାଇଁ ଚକଲେଟ୍ କିଣୁଥିବା ସମୟରେ ୨ଲୁଟେରା ବାଇକ୍‌ରେ ଆସି ଟଙ୍କା ଓ ମୋବାଇଲ ଲୁଟିନେଇ ପଳାଇଥିଲେ। ଲୁଟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ତୁରୁମୁଙ୍ଗା ପୋଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

### ପେଟ୍ରୋଲ ପମ୍ପ ନିକଟରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ଚାନ୍ଦବାଲି,୧୬।୧(କିଷାନ ପାତ୍ର/ ଅଶୋକ କୁମାର ପଣ୍ଡା)

ଭଦ୍ରକ ଜିଲା ଧାମରା ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରୁ ଜଣେ ନବଜାତ ଶିଶୁକନ୍ୟାକୁ ସୋମବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ପ୍ରସବ ପରେ ଶିଶୁକନ୍ୟାକୁ କେହି ଛାଡ଼ି ଚାଲିଯାଇଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ସୋମବାର ମକର ସଂକ୍ରାନ୍ତି ଅବସରରେ ଧାମରାର ଅଧିଷ୍ଠାତ୍ରୀ ଦେବୀ ମା' ଧାମରାଇଙ୍କ ପୀଠରେ ମେଳା ଯୋଗୁ ପ୍ରବଳ ଭିଡ଼ ହୋଇଥିଲା। ବହୁ ସଂଖ୍ୟକ ଲୋକଙ୍କ ସମାବେଶର ସୁଯୋଗରେ ଧାମରାଠାରୁ ମାତ୍ର ୫୦୦ ମିଟର ଦୂର ଉକ୍ତ ପେଟ୍ରୋଲ ପମ୍ପ ନିକଟରେ ଶିଶୁକନ୍ୟାକୁ କେହି ଛାଡ଼ି ପଳାଇ ଯାଇଥିଲେ। ସାମାଜିକ କର୍ମୀ ସୁମନ୍ତ କୁମାର ମହାନ୍ତି ଘରକୁ ଫେରୁଥିବା ବେଳେ ରାତି ୧୧ଟା ବେଳେ ଶିଶୁକନ୍ୟାର କାନ୍ଦ ଶୁଣି ସେଠାରେ ଅଟକିଥିଲେ। ଶିଶୁକନ୍ୟାକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଶିଶୁର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡା. ଜନ୍ମେଞ୍ଜୟ ବେହେରା କହିଥିବା ବେଳେ ଅଧିକ ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଅର୍ପଣ ରଥ ପରିକ୍ରମା: ଘଣ୍ଟ ବଜାଇ ନାଚିଲେ ବିଧାୟକ

ଭଦ୍ରକ,୧୬।୧(ସନାତନ ରାଉତ)

ଭଦ୍ରକ ନିର୍ବାଚନମଣ୍ଡଳୀରେ ଅର୍ପଣ ରଥ ପରିକ୍ରମା ଶେଷ ହୋଇଛି। ମଙ୍ଗଳବାର ଏହି ରଥ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ବାଇପାସ୍ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିବା ବେଳେ ସାରା ସହରରେ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରବୀର ଜେନା, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ପ୍ରିୟବ୍ରତ ନାୟକ, ରାକେଶ ପଣ୍ଡାଙ୍କ ସହ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଧାୟକ ମଲ୍ଲିକ ଘଣ୍ଟ ବଜାଇବା ସହ ଭାବବିହ୍ୱଳ ହୋଇ ନୃତ୍ୟ କରିଥିବା ଦେଖାଯାଇଥିଲା। ବିଭିନ୍ନ ଦେବଦେବୀଙ୍କ ବେଶ ଧାରଣ କରି ଶ୍ରଦ୍ଧାଳୁମାନେ ପଦଯାତ୍ରାରେ ସାମିଲ ହୋଇଥିବା ବେଳେ ଘଣ୍ଟ, ମୃଦଙ୍ଗ ଓ ନୃତ୍ୟ ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ସାରା ସହର ପ୍ରକମ୍ପିତ ହୋଇଥିଲା।



ଶୋଭାଯାତ୍ରାରେ ବିଧାୟକ ସଞ୍ଜୀବ ମଲ୍ଲିକ ଘଣ୍ଟ ବଜାଉଛନ୍ତି।

## ସିଭିଲ ସୋସାଇଟିର ଧାରଣା ସ୍ଥଗିତ

### ବେତନଟୀ ଡାକ୍ତରଖାନାରେ ଡାକ୍ତର ଅଭାବ

ବୈଶିଙ୍ଗା,୧୬।୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବରୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ବେତନଟୀ ସିଭିଲ ସୋସାଇଟି ପକ୍ଷରୁ ଡାକରା ଦିଆଯାଇଥିବା ଧାରଣା ସ୍ଥଗିତ ରଖାଯାଇଛି। ଏହି ଡାକ୍ତରଖାନାକୁ ଆବଶ୍ୟକ ଡାକ୍ତର ଦିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଟେଲିଫୋନ ଯୋଗେ ସୋସାଇଟି କର୍ମକର୍ତ୍ତାଙ୍କୁ ଜଣାଇବା ପରେ ଧାରଣା ସ୍ଥଗିତ ରଖାଯାଇଛି। ଫେବୃଆରୀ ୧ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ପୁଣିଥରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଭିଲ ସୋସାଇଟି ସଭାପତି ଚୂଡ଼ାମଣି ମହାପାତ୍ର ଓ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ.ସିପୁନ କୁମାର ପଣ୍ଡା କହିଛନ୍ତି, ଡାକ୍ତରଖାନାର ସମସ୍ତ ବେଡ୍‌ରେ ରୋଗୀ ଅଛନ୍ତି। ଆଉଟଡୋର୍‌କୁ ମଧ୍ୟ ଦୈନିକ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ମାତ୍ର ଜଣେ ଡାକ୍ତରଙ୍କୁ ନେଇ ଚିକିତ୍ସା ସେବା ଯୋଗାଇ ଦେବାରେ ସମସ୍ୟା ଦେଖାଦେଉଛି ବୋଲି କହିଛନ୍ତି।

# 'ଆତ୍ମବିଶ୍ୱାସ ଦୃଢ଼ କଲେ ସଫଳତା ସମ୍ଭବ'

## ସିଆର୍‌ଏସ୍ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ସମାରୋହ ଉଦ୍‌ଯାପିତ

ତିହିଡ଼ି,୧୬।୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ(ସିଆର୍‌ଏସ୍) ହାଇସ୍କୁଲରେ ୩ଦିନ ଧରି ଚାଲିଥିବା ପ୍ଲାଟିନମ୍ ଜୁବିଲି ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ହାସ୍ୟାଭିନେତା ପ୍ରଜ୍ଞା ଓ ଶଙ୍କରଙ୍କ ସଂଳାପ, ଅଭିନୟରେ ଦର୍ଶକମାନେ ବିମୋହିତ ହୋଇଥିଲେ। ପରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଛାତ୍ରୀଛାତ୍ର ନିଜର ଆତ୍ମବିଶ୍ୱାସକୁ ଦୃଢ଼ କଲେ ସଫଳତା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏବଂ ଅନ୍ୟତମ ଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ସାମାଜିକ କର୍ମୀ ପାର୍ଥସାରଥି ନାୟକଙ୍କ ସଞ୍ଚାଳନରେ ଆୟୋଜିତ ଉତ୍ସବରେ ଜୁବିଲି କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ ଓ ସମ୍ପାଦକ ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର ଜୁବିଲି ସମ୍ପର୍କରେ କହିଥିଲେ। ଏହି ଅବସରରେ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟଜ ଓ ବୁଦ୍ଧଦେବ ଜେନା, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ବିଜେଡି ଜିଲା ସାଧାରଣ ସମ୍ପାଦକ ଚିନ୍ତାମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ. ମନୋରଞ୍ଜନ କର ଓ ମୁଖ୍ୟବକ୍ତା ଭାବେ ମେଜର ଡ. ଚିନ୍ତାମଣି ଭାରତୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ର ବିଶ୍ୱଜିତ ବେହେରା ଓ ଅମୂଲ୍ୟ ସେନାପତିଙ୍କ ସଂଯୋଜନାରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟୁତ୍ ଆଘାତରେ ଗାଈ ମୃତ

କାଳିପଦା, ୧୬।୧(ରାଜଶ୍ରୀ ପାଣିଗ୍ରାହୀ)

ସିଂଲା ଥାନା ଅଧୀନ ବାହାଦଲପୁରସ୍ଥିତ ହରିହାଟ ପଡ଼ିଆରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦଜନକ ଅବସ୍ଥାରେ ରହିଥିବାରୁ ଏହାର ସଂସ୍ପର୍ଶରେ ଆସି ମଙ୍ଗଳବାର ବାହାଦଲପୁର ଗ୍ରାମର କମଳାକାନ୍ତ ମହାପାତ୍ରଙ୍କ ଏକ ଗର୍ଭଣୀ ଗାଈର ମୃତ୍ୟୁ ହୋଇଛି। ସୁରକ୍ଷା ବାଡ଼ ନ ଥିବା ବେଳେ ଟ୍ରାନ୍ସଫର୍ମର ଚାର୍ଜ ହୋଇଯିବାରୁ ଏଭଳି ଅଘଟଣ ଘଟିଛି। ମୃତ ଗାଈର ମାଲିକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଦର୍ଶ ଶିକ୍ଷାମନ୍ଦିରରେ ବାର୍ଷିକ କ୍ରୀଡ଼ା

ଖଇରା, ୧୬।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଆଦର୍ଶ ଶିକ୍ଷାମନ୍ଦିରର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ୧୦ ଓ ୧୧ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ମୁଖ୍ୟ ପ୍ରଭାତ କୁମାର ଜେନା ଉଦ୍‌ଘାଟନ କରିଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରଧାନଶିକ୍ଷକ ମଣିକିଙ୍କର ଜେନା, ନିର୍ମଳା ମହାନ୍ତି, ପ୍ରୀତି ପାଣିଗ୍ରାହୀ,ବିଚିତ୍ରା ଦାସ, ବିଦ୍ୟୁତପ୍ରଭା ହାତୀ, ରଶ୍ମିତା ଦାସ, ଅନୁଶ୍ରୀ ମହାନ୍ତି, ଶୁଭଶ୍ରୀ ଦାସ, ବାସନ୍ତୀ ସାହୁ, ଶିକ୍ଷକ ପ୍ରହ୍ଲାଦ ରାୟ, ତପନ ଜେନା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଶୃଙ୍ଖଳାର ସହ ସମ୍ପୂର୍ଣ୍ଣ ହୋଇଥିଲା। ବିଚାରକ ଭାବେ ଲିପୁନ ଓ ଚିତ୍ତରଞ୍ଜନ ଯୋଗ ଦେଇଥିଲେ। ଆସନ୍ତା ଫେବୃଆରୀ ୧୪ ତାରିଖ ବାର୍ଷିକୋତ୍ସବରେ କୃତୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ।

# ମନୁଷ୍ୟ ଚେତନା ସ୍ତରରୁ ଊର୍ଦ୍ଧ୍ୱକୁ ଗଲେ ଅତିମାନସ ଲାଭ କରିବ

ସିମୁଳିଆ,୧୬।୧(ସନ୍ତୋଷ କୁମାର ନାୟକ)

ଶ୍ରୀଅରବିନ୍ଦ ନବୋଦ୍ୟମ ଶିକ୍ଷାନିକେତନ ପରିସରରେ ଚତୁର୍ଦ୍ଦଶତମ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାତୃ ଭକ୍ତ ସୂର୍ଯ୍ୟମଣି ବୋଇତି ଉପକ୍ରମଣିକା, ଅପା ଅର୍ପିତା ନାୟକ ଆଧ୍ୟାତ୍ମିକ ପୁସ୍ତକ ଧ୍ୟାନ ଓ ପ୍ରାର୍ଥନା ପଠନ, ସଙ୍ଗୀତ ଗୁରୁ ମନୋଜ ମହାପାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ପରେ ନବଜୀବନ ଶିକ୍ଷା ସଂସଦର ସଂଯୋଜକ ଭାଇ ନାରାୟଣ ଅଗସ୍ତିଙ୍କ ସଭାପତିତ୍ୱରେ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଆଲୋଚକ ରୂପେ କଟକ ଡାଳିଯୋଡା ଆଶ୍ରମର ସାଧକ ପ୍ରଭାତ ନାୟକ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ନବଜୀବନ ଶିକ୍ଷା ସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ ବିଭିନ୍ନ ଗଳ୍ପ ଓ ଉଦାହରଣ ମାଧ୍ୟମରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଜୀବନୀ, ଆଦର୍ଶ ଓ ସମଗ୍ର ବିଶ୍ୱ ପାଇଁ ଦର୍ଶନ ସମ୍ପର୍କରେ ସୂଚନା ଦେଇ ବାସ୍ତବ ହସ, ଅସଲ ସୁଖ ଶାନ୍ତି ନିଜ ଭିତରେ ହିଁ ଥାଏ ବୋଲି ସୂଚନା ଦେଇ ମନୁଷ୍ୟ ଚେତନା ସ୍ତରରୁ ଊର୍ଦ୍ଧ୍ୱକୁ ଗଲେ ଅତିମାନସ ଲାଭ କରିବ ବୋଲି କହିଥିଲେ । ଆଶ୍ରମର ଶିଶୁ ଦିବ୍ୟ ପ୍ରିୟଦର୍ଶନୀ ଦିକ୍ଷୀତ, ରସରାଜ ନାୟକ ମାତୃ ବନ୍ଦନା ଓ ଆଶ୍ରମ ମୁଖ୍ୟ ଧୀରେନ୍ଦ୍ର କୁମାର ବଳ କୃତଜ୍ଞତା ଜ୍ଞାପନ କରିଥିଲେ। ଅପରାହ୍ନରେ ମାତୃ ପ୍ରସାଦସେବନ, ୪ଟା ୪୪ମିନିଟ୍‌ରେ ଶ୍ରୀତନୁ ସ୍ମାରକୀ ମନ୍ଦିରରେ ସମୂହ ଧ୍ୟାନ ଓ ରାତି ୮ଟାରେ ପତାକା ଅବତରଣ କରାଯାଇଥିଲା।



ଶିଶୁ ଦିବ୍ୟ ପ୍ରିୟଦର୍ଶନୀ ଦୀକ୍ଷିତ ମାତୃ ବନ୍ଦନା ପରିବେଷଣ କରୁଛନ୍ତି ।

# ପାଣି ପଞ୍ଚାୟତ ପକ୍ଷ ପାଳନ



ସଚେତନତା ରଥ ଶୁଭାରମ୍ଭ କରାଯାଉଛି ।

ଭଦ୍ରକ, ୧୬।୧ (ରବିନାରାୟଣ ଖିଲାର)

ଭଦ୍ରକ ସହରରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଙ୍ଗଳବାର ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିରଠାରେ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଜଳ ସଂରକ୍ଷଣ, ଜଳର ପୁନଃବ୍ୟବହାର ସହ ଫସଲର ବିବିଧିକରଣ ଜରିଆରେ ଅଧିକ ପ୍ରକାର ଫସଲ ଉତ୍ପାଦନ, ଜଳ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଭୂମିକା ଗୁରୁତ୍ୱ, ଜଳ ଆବଣ୍ଟନରେ ମତାନ୍ତରକୁ ଆପୋଷରେ ସମାଧାନ ଆଦି ନେଇ ସଚେତନତା କରାଯାଇଥିଲା । ଏହି ରଥ ଭଦ୍ରକ ସହର ପରିକ୍ରମା କରିଛି । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଶାଳପଡ଼ା ଜଳସେଚନ ବିଭାଗର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ବାବୁଲାଲ ବେହେରା, ସାଳନ୍ଦୀ କେନାଲ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଂ. ପ୍ରଭାକର ଦଳେଇ, ଏସ୍‌ଡିଓ ଇଂ. ରାଇକନ ବେସରା, ଜେଇ ଇଂ. ଦୁର୍ଗା ପ୍ରସନ୍ନ ତ୍ରିପାଠୀ, ଶଶଧର ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇଥିଲେ।

# ପୋଲତଳୁ ନାବାଳକଙ୍କ ମୃତଦେହ ଜବତ

## ହତ୍ୟା ସନ୍ଦେହ

ଯୋଡ଼ା,୧୬।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ କୋଲ୍ହହୁଣ୍ଡୁଳା ଗ୍ରାମରେ ଥିବା ଏକ ପୋଲତଳୁ ମଙ୍ଗଳବାର ପୋଲିସ ଜଣେ ନାବାଳକଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଛି। ମୃତ ନାବାଳକ ଜଣକ ହେଲେ ଜାମୁକୁଣ୍ଡିଆ ଗାଁର ଶୁକଦେବ ଲାଗୁରୀ(୧୫)। ସେ ବିଲେଇପଦାସ୍ଥିତ ଏକ ହଷ୍ଟେଲରେ ରହି ପାଠ ପଢୁଥିଲେ। ମକର ଛୁଟିରେ ସେ ଘରକୁ ଯାଇଥିଲେ। ସୋମବାର ସନ୍ଧ୍ୟାରେ ଶୁକଦେବ ପାଖ ଗାଁକୁ ମକରମେଳା ଦେଖିବାକୁ ଯାଇ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳୁ ସ୍ଥାନୀୟ କିଛି ମହିଳା ଶୌଚ ହେବାକୁ ଯାଇଥିବା ବେଳେ ପୋଲତଳେ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପାଇ ଯୋଡ଼ା ଥାନା ଆଇଆଇସି ଲୋକେଶ ସାହୁ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ଶୁକଦେବଙ୍କ ମୁହଁରେ ରକ୍ତ ଦାଗ ଲାଗିଥିବାରୁ ତାଙ୍କୁ କେହି ପଥରରେ ଛେଚି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରିଛି। ଘଟଣାସ୍ଥଳରୁ ପୋଲିସ ରକ୍ତ ଲାଗିଥିବା ପଥର ଜବତ କରିଛି। ଏ ନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୬୩/୨୪) ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ସୂଚନା ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ରହିବା ଆବଶ୍ୟକ

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ

ବାଲେଶ୍ୱର,୧୬।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିବା ନୂଆ–ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ତିନୋଟି ପ୍ରମୁଖ ବର୍ଗରେ ବିଭାଜିତ ହୋଇ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଦୃତ ହେବା ସହ ଏହା ସେମାନଙ୍କ ବ୍ୟକ୍ତିଗତ ବିକାଶ ଓ ସଫଳତାର ପ୍ରେରଣାଦାୟୀ ହୋଇଥିଲା।

ଉଦ୍‌ଯାପନୀ ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ପ୍ରତିଯୋଗିତାମୂଳକ ମନୋଭାବ ରହିବା ସହ ବିଶ୍ୱବିଦ୍ୟାଳୟର ପରିଚୟ ସୃଷ୍ଟିରେ ଯୋଗଦାନ ରହିବା ନେଇ ପ୍ରକାଶ କରିଥିଲେ। କୁଳସଚିବ କୁଳମଣି ଦାସ ଓ ନୂଆ–ଓ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ପ୍ରଫେସର ଡ. ସୂର୍ଯ୍ୟେନ୍ଦୁ କୁମାର ଦେ ଉପସ୍ଥିତ ରହି ଏହି ପ୍ରକାର କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ସହ ଅନ୍ତର୍ନିହିତ ଗୁଣରେ ସହାୟକ ହୋଇପାରିଛି ବୋଲି କହିଥିଲେ। ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା ବର୍ଗର ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ଭାବେ ସମ୍ପାଦନ କରିଥିବା ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡ. ଅସୀମ ଅମିତାଭ ପ୍ରଧାନ ଓ ଡ. ଭାସ୍କର ବେହେରାଙ୍କୁ କୁଳପତି ତଥା ନୋଡ଼ାଲ ଅଫିସର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରାୟ ୪୬ଟି ମହାବିଦ୍ୟାଳୟର ୪୫୦ଜଣ ଛାତ୍ରୀଛାତ୍ର କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ବେଳେ ୫୩୦ଜଣ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଆନ୍ତଃ ମହାବିଦ୍ୟାଳୟ ସହ ଜିଲାସ୍ତରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଫଳତାକୁ ମଧ୍ୟ ପ୍ରଶଂସା କରାଯାଇଥିଲା। ତିନୋଟି ବର୍ଗରେ ପ୍ରାୟ ୧୫୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ନେଇ ସୂଚିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଏଥିସହ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମାରୋହରେ ସମ୍ମାନିତ କରାଯାଇଥିଲା।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଅସୁରକ୍ଷିତ ଡ୍ରେନ୍‌ରେ ଖସିପଡ଼ିଲା କାର୍**

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୯ନଂ. ୱାର୍ଡ ଜଗନ୍ନାଥପୁର ନିକଟରେ ଅସୁରକ୍ଷିତ ଏବଂ ଅସମ୍ପୂର୍ଣ୍ଣ ଡ୍ରେନ ଭିତରେ ଖସି ପଡ଼ି ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଛନ୍ତି। କାର୍‌ଟି ମୁଖ୍ୟ ରାସ୍ତାରୁ ସାହିକୁ ଯାଉଥିବାବେଳେ ଅସୁରକ୍ଷିତ ଡ୍ରେନ୍ ଭିତରକୁ ଖସି ପଡ଼ିଥିଲା। ଅସୁରକ୍ଷିତ ଡ୍ରେନରେ ତୁରନ୍ତ ସ୍ଲାବ ନ ପକାଇଲେ ବାଧ ହୋଇ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟ ନିବାସୀ ସୁରେଶ ଜେନା, ଅଭୟ ଜେନାଙ୍କ ସମେତ ଅନ୍ୟମାନେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଯୌତୁକଜନିତ ସ୍ତ୍ରୀ ହତ୍ୟା ମାମଲା: ସ୍ୱାମୀଙ୍କୁ ୭ ବର୍ଷ ଜେଲ

ବାଲେଶ୍ୱର, ୧୬।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସ ମଙ୍ଗଳବାର ଏକ ଯୌତୁକଜନିତ ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାଥାଉ କି, ଔପଦା ଥାନା ସୋରିଷପାଳ ଗ୍ରାମର ଲମ୍ବୋଦର ରାଉତ ତାଙ୍କର ସ୍ତ୍ରୀ ରଶ୍ମିତା ରାଉତଙ୍କୁ ଅଧିକ ଯୌତୁକ ଦାବି କରି ହତ୍ୟା କରିଥିବା ନେଇ ଥାନାରେ ମୃତକଙ୍କ ବାପା ରାମଚନ୍ଦ୍ର ନାୟକ ଅଭିଯୋଗ କରିଥିଲେ। ଏନେଇ ଔପଦା ଥାନା ପକ୍ଷରୁ ଏକ ମାମଲା (ନଂ.୧୨/୨୦୨୧) ରୁଜୁ ହୋଇଥିଲା। ଏହି ମାମଲାରେ ୨୦ ସାକ୍ଷୀ ଓ ୧୮ ଦସ୍ତାବିଜ୍‌କୁ ଭିତ୍ତି କରି ଜିଲା ଦୌରାଜଜ ଅଭିଯୁକ୍ତ ସ୍ୱାମୀ ଲମ୍ବୋଦର ରାଉତଙ୍କୁ ୭ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଆଇନଜୀବୀ ପ୍ରଶାନ୍ତ କୁମାର ମଲ୍ଲିକ ପରିଚାଳନା କରିଥିଲେ।

### ଇଭିଏମ୍ ବ୍ୟବହାରକୁ ବିରୋଧକରି ବିକ୍ଷୋଭ

ବାଲେଶ୍ୱର, ୧୬।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ବାଚନରେ ଇଭିଏମ୍ ବ୍ୟବହାର ବିରୋଧରେ ଭାରତ ମୁକ୍ତିମୋର୍ଚ୍ଚା ସଙ୍ଗଠନ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନ ସଦସ୍ୟ ସାଧୁଚରଣ ମଲ୍ଲିକ, ରାମଚନ୍ଦ୍ର ମାରାଣ୍ଡି, ବାଇଧର ସିଂ, ଜଗନ୍ନାଥ ହେମ୍ବ୍ରମ, ଜ୍ୟୋତିର୍ମୟୀ ମାଝି ଓ ଚମ୍ପେଇ ସୋରେନ ପ୍ରମୁଖ ଯୋଗଦେଇ ପେପର ବାଲଟ୍ ପରିବର୍ତ୍ତେ ଇଭିଏମ ବ୍ୟବବାହକୁ ତୀବ୍ର ସମାଲୋଚନା କରିଥିଲେ। ନିର୍ବାଚନ କମିଶନଙ୍କ ଅସାମ୍ବିଧାନିକ କାର୍ଯ୍ୟଶୈଳୀ ଉପରେ ରୋକ ସହ ଗଣତନ୍ତ୍ରର ସୁରକ୍ଷା ସହ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ କରାଇବାକୁ ଭାରତ ମୁକ୍ତିମୋର୍ଚ୍ଚା ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

### ଗିଫ୍ଟ କାର୍ଡ ଲିଙ୍କ୍‌ରେ କ୍ଲିକ୍ କରିବାରୁ ଆକାଉଣ୍ଟରୁ କଟିଗଲା ଟଙ୍କା

ଭଦ୍ରକ,୧୬।୧(ସନାତନ ରାଉତ)

ମୋବାଇଲକୁ ଏକ ଗିଫ୍ଟକାର୍ଡ ଲିଙ୍କ୍ ଆସିଥିଲା। ଏହି ଲିଙ୍କ୍ କ୍ଲିକ୍ କରିବା ପରେ ମୋବାଇଲ ହ୍ୟାଙ୍ଗ୍ ହୋଇଗଲା। ପରେ ଆକାଉଣ୍ଟରୁ ଟଙ୍କା କଟି ଚାଲିଲା। ଏଭଳି ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବାଉଦପୁର ଗ୍ରାମରେ। ସୂଚନା ଅନୁଯାୟୀ, ରବିବାର ଗ୍ରାମର ଶ୍ରୀକାନ୍ତ ସ୍ୱାଇଁ ନାମକ ଯୁବକଙ୍କ ମୋବାଇଲକୁ ୫ ଟିକିଆ ଅକ୍ଷରର ଏକ ଗିଫ୍ଟ କାର୍ଡ ମେସେଜ୍ ଆସିଥିଲା। ଉକ୍ତ ମେସେଜ୍‌ରେ କ୍ଲିକ୍ କରିବା ପରେ ମୋବାଇଲ କାମ କରି ନ ଥିଲା। ଏହାପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିବା ନେଇ ମେସେଜ୍ ଆସିଥିଲା। ପ୍ରଥମେ ୨,୨୫୦ ଟଙ୍କା କଟିଥିଲା। ୟୁପିଆଇରେ ଲିଙ୍କ୍ ଥିବା ଆକ୍ସିସ ବ୍ୟାଙ୍କ ଆକାଉଣ୍ଟରୁ ୯,୯୯୯ ଟଙ୍କା ଓ ତା'ର ୩୦ ସେକେଣ୍ଡ ପରେ ଷ୍ଟେଟବ୍ୟାଙ୍କ ଆକାଉଣ୍ଟରୁ ୭,୬୪୦ ମୋଟ ୧୯ ହଜାର ୮୮୯ ଟଙ୍କା କଟି ଯାଇଥିଲା। ବ୍ୟାଙ୍କ ଟୋଲ୍ ଫ୍ରି ନମ୍ବରକୁ କଲ୍ କରି ଜଣାଇବା ପରେ ଆକାଉଣ୍ଟରୁ ଟଙ୍କା କଟିବା ବନ୍ଦ ହୋଇଥିଲା ବୋଲି ଶ୍ରୀକାନ୍ତ କହିଛନ୍ତି। ଏନେଇ ସେ ସୋମବାର ସାଇବର କ୍ରାଇମ୍ ଓ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି।

# 'ଚାଷୀ ପାଣି ପଞ୍ଚାୟତ ବ୍ୟବସ୍ଥାର ଲାଭ ଉଠାନ୍ତୁ'

**ମୟୂରଭଞ୍ଜ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଆରମ୍ଭ**

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା(ସନ୍ତୋଷ କୁମାର ବାଛିନୀ)/ ମୋରଡ଼ା(ସ୍ମାରକ ମାଜୀ),୧୬।୧

ମୟୂରଭଞ୍ଜ ଜିଲାରେ ଜଳସେଚନ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ପାଣି ପଞ୍ଚାୟତ ପକ୍ଷ ଆରମ୍ଭ ହୋଇଛି। ଜିଲା ସଦର ମହକୁମା ବାରିପଦାଠାରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ପାଣି ପଞ୍ଚାୟତ ରଥକୁ ଜିଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ରଥ ଜିଲାର ସମୁଦାୟ ୨୬୮ ପାଣି ପଞ୍ଚାୟତ ପରିକ୍ରମା କରି ଜଳସେଚନ ପ୍ରକଳ୍ପ ବାବଦରେ ବାର୍ତ୍ତା ପ୍ରଚାର ପ୍ରସାର କରିବ। ବାଲିଡିହାସ୍ଥିତ ଡାକବଙ୍ଗଳାରେ ଆୟୋଜିତ ବିଭାଜନସ୍ତରୀୟ ସମାରୋହରେ ଅଧିକ୍ଷଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଭଗବାନ ଦାସ, ବିଶିଷ୍ଟ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟାର ସଂଘମିତ୍ରା ପଟ୍ଟନାୟକ ଯୋଗଦେଇ ପାଣି ପଞ୍ଚାୟତର ଉପକାରିତା ବିଷୟରେ ଆଲୋକପାତ କରିବା ସହ ଚାଷୀମାନେ ପାଣି ପଞ୍ଚାୟତ ବ୍ୟବସ୍ଥାର ଲାଭ ଉଠାଇବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ଦାସ, ଯଜ୍ଞ ମହାନ୍ତି, ସୁନେଇ ପାଣିପଞ୍ଚାୟତ ସଭାପତି ସୁବାସ ସାଏ, ବାଲିଡିହା ଆପେକ୍ସ ସଭାପତି ଦଶରଥ ପାଣ୍ଡେ, ସମ୍ପାଦକ କାଳ ଆପେକ୍ସ ସର୍ବେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ବିଭାଗୀୟ ଅଧିକାରୀ ଗଜେନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିଲେ।

ଉଦଳା ବ୍ଲକ ରାଢୋ ନିକଟସ୍ଥ ଜୟବନ୍ଧ ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ସଭାରେ ଅଧୀକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁପଦ ଗନ୍ତାୟତ, ଜିଲା ପରିଷଦ ସଦସ୍ୟା ଲଳିତା ବିଶୋଇ, ଇଂ.ସୁଶାନ୍ତି ସିଂ, ଓପିଆଇପିର ମୁଖ୍ୟ ଆମୋଦ କୁମାର ପ୍ରଧାନ, ଉଦ୍ୟାନ ବିଭାଗର ସ୍ୱର୍ଣ୍ଣମୟୀ ସିଂ, କୃଷି ବିଭାଗର ପ୍ରଫୁଲ ବେହେରା, ମତ୍ସ୍ୟ ବିଭାଗର ସମ୍ବିତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସୁବ୍ରତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ଡିଓ ସ୍ୱରୂପ ନାୟକ, ସହକାରୀ ଯନ୍ତ୍ରୀ ରାଜୀବ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମଳାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

ଜମ୍ବୀରା କେନାଲ ବିଭାଜନ ମୋରଡ଼ା କାର୍ଯ୍ୟାଳୟ ପରିସରରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୋରଡ଼ା ବିଧାୟକ ରାଜକିଶୋର ଦାସ, ମୁଖ୍ୟ ବକ୍ତା ଭାବେ ସୁବର୍ଣ୍ଣରେଖା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ଦାସ ଯୋଗ ଦେଇଥିଲେ। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନାରାୟଣ ଦାସ, ବୈଁଶିଙ୍ଗା କେନାଲ ଡିଭିଜନର ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ଦାସ, ଜମ୍ବୀରା କେନାଲ ଡିଭିଜନର ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସ, ଗୋପବନ୍ଧୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସେଠି,ବ୍ଲକ କୃଷି ଅଧିକାରୀ ସ୍ନେହାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣ୍ଡବ ଘେରାରେ ମକରମେଳା



ମେଳାରେ ଲୋକଙ୍କ ଭିଡ଼।

ଔପଦା,୧୬।୧(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଘିରାପଦା ପଞ୍ଚାୟତ ପାହାଡ଼ର ଶିଖରରେ ଥିବା ବହୁ ପୁରାତନ ପାଣ୍ଡବଘେରାରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ମାଘ ମାସ ପବିତ୍ର ମକର ସଂକ୍ରାନ୍ତିରେ ଏହି ମେଳା ବସୁଥିବା ବେଳେ ଏହା ୩ ଦିନ ଧରି ଚାଲିଥାଏ। ଏହି ମେଳାର ମକର ସଂକ୍ରାନ୍ତିରେ ହଜାର ହଜାର ଯାତ୍ରୀଙ୍କ ସମାବେଶ ହୋଇଥାଏ। ଔପଦା ସମେତ ଖଇରା, ସୋର, ସିମୁଳିଆ, ବାହାନଗା, ଭଦ୍ରକ ଓ ମୟୂରଭଞ୍ଜ ଅଞ୍ଚଳରୁ ଲୋକମାନେ ଏଠାକୁ ଆସିଥାନ୍ତି। ମେଳାରେ ବିଭିନ୍ନ ଦୋକାନୀ ପସରା ମେଲାଇ ଥିବା ବେଳେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଦ୍ୱାପର ଯୁଗରେ ଅଜ୍ଞାତ ବନବାସ ସମୟରେ ପଞ୍ଚୁ ପାଣ୍ଡବଙ୍କ ସହିତ ଦ୍ରୌପଦୀ ପାହାଡ଼ ଶିଖରରେ ଥିବା ବଡ଼ ବଡ଼ ପଥର ଗୁମ୍ଫାରେ ଆତ୍ମଗୋପନ କରିଥିବା ଜଣାଯାଏ। ସେଠାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ମନ୍ଦିର ଥିବା ବେଳେ ମନ୍ଦିର ସେବକ ଭାବେ ବାବା ଭଜହରି ଦେବା ଓ ଦେବୀଙ୍କୁ ପୂଜା କରିଥାନ୍ତି। ସେଠାରେ ବହୁ ସାଧୁ, ସନ୍ଥମାନଙ୍କର ମିଳନ ହୋଇ ଜାଗଯଜ୍ଞ କରାଯାଇଥାଏ। ପାହାଡ଼ର ପାଦଦେଶରୁ ପ୍ରାୟ ୨୦୦୦ ହଜାର ଫୁଟ ଉଚ୍ଚରେ ପାଷାଣ କ୍ଷେତ୍ର ପାଣ୍ଡବ ଘେରା ନାମରେ ପରିଚିତ ମକର ମେଳାକୁ ଯାତ୍ରୀମାନେ ପାହାଡ ଚଢିଯାଇଥାନ୍ତି। ଶତାଧିକ ବର୍ଷ ଧରି ଏହି ମେଳା ଚାଲିଥିବା ବେଳେ ମେଳା ସ୍ଥାନକୁ ଯାତ୍ରୀମାନେ ଯିବା ପାଇଁ ନା ଅଛି ରାସ୍ତା ନା ପାନୀୟ ଜଳ ସୁବିଧା ନା ବିଜୁଳି ଆଲୋକ ବ୍ୟବସ୍ଥା। ମେଳାକୁ ପ୍ରତିବର୍ଷ ବିଭିନ୍ନ ଦଳର ରାଜନେତାମାନେ ଯାଉଥିବା ବେଳେ ଅଞ୍ଚଳବାସୀଙ୍କର ଦାବି ଥିବା ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିପାରୁଛି, ନା ଯାତ୍ରୀମାନଙ୍କ ପାଇଁ ଉପରୋକ୍ତ ସୁବିଧା ହୋଇପାରୁଛି। ଏହି ବହୁ ପୁରାତନ ମେଳାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ସହ ଗମନାଗମନ ପାଇଁ ରାସ୍ତା ଓ ପାନୀୟ ଜଳ, ବିଜୁଳି ଆଲୋକର ସୁବିଧା ପାଇଁ ସାଧାରଣରେ ଦାବି ହେଉଛି।

# ବାସୁଳି, ଗେଙ୍ଗୁଟିନାଳ ସମୂହର ଶିଳାନ୍ୟାସ



ବିଧାୟକଙ୍କ ଦ୍ୱାରା ନାଳ ଓ ପୋଲ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

**ଉପକୃତ ହେବେ ୪ ପଞ୍ଚାୟତର ୬ହଜାର ଜନସାଧାରଣ**

ଖଇରା,୧୬।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ୪ ପଞ୍ଚାୟତ ଉପକୃତ ହେବାକୁ ଥିବା ବାସୁଳି ଓ ଗେଙ୍ଗୁଟିନାଳ ସମୂହର ଶିଳାନ୍ୟାସ କାର୍ଯ୍ୟକ୍ରମ ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଗଣ୍ଡିବେଡଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖିସାହିଠାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫ନଂ. ଜୋନର ଜିଲା ପରିଷଦ ସଭ୍ୟ ମାନସ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ୪ନଂ. ଜୋନର ସଭ୍ୟା ରଶ୍ମିତା ମହାପାତ୍ର, ଶ୍ୟାମସୁନ୍ଦରପୁର ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତୀ ମହାନ୍ତି, ସୁଣ୍ଠିରା ପଞ୍ଚାୟତ ସମିତିସଭ୍ୟ ନଳିନୀ ସାହୁ, ପ୍ରାକ୍ତନ ସରପଞ୍ଚ ମଧୁସୂଦନ ଦାସ, ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଦୀପକ ପ୍ରଧାନ ଓ କନିଷ୍ଠଯନ୍ତ୍ରୀ ସୁବାଷ ସାହା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପ ମାଧ୍ୟମରେ କୁରୁଣ୍ଟା, ଶ୍ୟାମସୁନ୍ଦରପୁର, ସୁଣ୍ଠିରା–ଗଣ୍ଡିବେଡ, ସାରୁଗାଁ ପଞ୍ଚାୟତର ୬ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ। ଏହି ପ୍ରକଳ୍ପ ଅଧୀନରେ ବାସୁଳି ଓ ଗେଙ୍ଗୁଟି ନାଳର ଉନ୍ନତୀକରଣ ସହ ବାସୁଳି ପୋଲ, କାକୁଡିଆ, ରାଇକୁଳା ଓ ଶହୀଦନଗରଠାରେ ୪ଟି ପୋଲ ନିର୍ମାଣ ହେବାର କାର୍ଯ୍ୟକ୍ରମ ଅଛି ।

# ହାତୀ ଆକ୍ରମଣରେ ଜଣେ ମୃତ, ୨ ଆହତ

ଜଳେଶ୍ୱର,୧୬।୧(ନବୀନ ସାହୁ/ ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କଳମା ପଞ୍ଚାୟତ ଖୁଣ୍ଟା ଗ୍ରାମରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି କୁଚବଣିଆ ଓ ପ୍ରସାଦଶୋଳ ଗାଁର ୨ଜଣ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି।

ମଙ୍ଗଳବାର ସକାଳେ ଖୁଣ୍ଟା ଗ୍ରାମର ଦେବେନ୍ଦ୍ର ଗିରି ନିଜ ପରିବା ବାଡିକୁ ପରିବା ତୋଳିବା ପାଇଁ ଯାଇଥିଲେ। କିନ୍ତୁ ଘରକୁ ଆସିବାରେ ତାଙ୍କର ବିଳମ୍ବ ହେବାରୁ ପରିବାର ଲୋକେ ବାଡିକୁ ଯାଇ ଦେଖିଲା ବେଳକୁ ହାତୀ କଚାଡ଼ି ମାରି ଦେଇଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ଜଳେଶ୍ୱର ଜିକେ ଭଞ୍ଜ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଦେବେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ରାସଗୋବିନ୍ଦପୁର ଥାନା ବଧିମୁହଁ ଗ୍ରାମର ଗୁରୁବାରୀ ଟୁଡୁ କଳମା ପଞ୍ଚାୟତ କୁଚବଣିଆ ଗ୍ରାମର ବାଇନ ହାଁସଦାଙ୍କ ଘରକୁ ବୁଲି ଆସିଥିଲେ। ସକାଳେ ସେ ଶୌଚ ପାଇଁ ଜଙ୍ଗଲକୁ ଯାଇଥିଲେ। ପ୍ରବଳ କୁହୁଡ଼ି ଯୋଗୁ ଜଙ୍ଗଲ ଭିତରେ ହାତୀ ଥିବା ସେ ଜାଣିପାରି ନ ଥିଲେ। ତେବେ ହାତୀ ଗୁରୁବାରୀଙ୍କୁ କଚାଡ଼ି ଦେଇଥିବା ବେଳେ ଅନ୍ୟ ଜଣେ ପ୍ରସାଦଶୋଳ ଗାଁର ସିଦ୍ଧ ଟୁଡୁ (୬୨)ଙ୍କୁ ମଧ୍ୟ କଚାଡ଼ି ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ଗୁରୁତରଙ୍କୁ ପ୍ରଥମେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ବନବିଭାଗ ଓ ରାଇବଣିଆ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ରାକେଶଙ୍କୁ ମିଳିଲା ଓଡ଼ିଶା କ୍ୟାଡର

ଧାମନଗର,୧୬।୧(ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)



ରାକେଶ କୁମାର ସାହୁ।

୨୦୨୨ରେ ସର୍ବଭାରତୀୟ ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇ ଆଇପିଏସ୍ ପାଇଁ ଚୟନ ହୋଇଥିବା ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ମାନଲାପୁର ଗ୍ରାମର ରାକେଶ କୁମାର ସାହୁଙ୍କୁ ଓଡ଼ିଶା କ୍ୟାଡର ମିଳିଛି। ସେ ଏବେ ହାଇଦ୍ରାବାଦସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜାତୀୟ ପୋଲିସ ଏକାଡେମୀରେ ତାଲିମ ନେଉଛନ୍ତି। ତାଙ୍କୁ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଭାବେ ଭାରତ ସରକାରଙ୍କ କାର୍ମିକ ମନ୍ତ୍ରାଳୟ ପକ୍ଷରୁ ମିଳିଛି। ହାଇଦ୍ରାବାଦରେ ତାଙ୍କର ଟ୍ରେନିଂ ସରିବା ପରେ ଓଡ଼ିଶା ସରକାରଙ୍କ ଅଧୀନରେ ଆଇପିଏସ୍ ଅଫିସର ଭାବେ କାର୍ଯ୍ୟ କରିବେ। ମାନଲାପୁର ନିବାସୀ ଅବସରପ୍ରାପ୍ତ ସେନା ଅଧିକାରୀ ଭୀମସେନ ସାହୁଙ୍କ ପୁଅ ରାକେଶ। ସେ ଦେହୁଡ଼ି ଆନନ୍ଦପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରାଥମିକ ଶିକ୍ଷା ସାରି ପରେ ବାପାଙ୍କ ଚାକିରି ଅନୁସାରେ ବେଙ୍ଗାଲୁରୁର ରାଷ୍ଟ୍ରୀୟ ମିଲିଟାରୀ ସ୍କୁଲ ଓ ପରେ ଆଇଆଇଟି ଖଡ୍‌ଗପୁରରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ୨୦୧୮ରେ ୟୁପିଏସ୍‌ସିରେ ସଫଳତା ପାଇବା ସହ ଭାରତୀୟ ରେଳବାଇ ଟ୍ରାଫିକ ସେବାରେ ଯୋଗ ଦେଇଥିଲେ। ପୁଣିଥରେ ୨୦୨୨ରେ ୟୁପିଏସ୍‌ସି ପରୀକ୍ଷାରେ ତାଙ୍କୁ ୫୭୫ ର୍‍ୟାଙ୍କ୍ ମିଳିଥିଲା।

# ଶ୍ରୀରାମଙ୍କ ଉପରେ ଝୁମର ଗୀତ

କେନ୍ଦୁଝର,୧୬।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)



କଣ୍ଠଶିଳ୍ପୀ ନଳିନୀ ପାତ୍ର।

ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଅବସରରେ ରାମଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। ଏହି ଅବସରରେ କେନ୍ଦୁଝର ଜିଲାର କଳାକାରମାନେ ଶ୍ରୀରାମଙ୍କ ଉପରେ ଆଧାରିତ ଝୁମର ଗୀତ 'ଶ୍ରୀରାମ ମନ୍ଦିର ହବେକ୍ ପୂଜା, ଅଯୋଧାରେ ବାଜେ ଖୁସିର ବାଜା' ପରିବେଷଣ କରିଛନ୍ତି। ଏହି ଗୀତରେ କଣ୍ଠଦାନ କରିଛନ୍ତି ନଳିନୀ ପାତ୍ର (ନୈନା)। ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଧର୍ମାନନ୍ଦ ମହାନ୍ତ, ପ୍ରଯୋଜନା ବାସନ୍ତୀ ମହାନ୍ତ, ଗୀତ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଗଣନାଥ ମହାନ୍ତ। ଏହି ଝୁମୁର ଗୀତ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଅନେକ ପ୍ରଶଂସା କରୁଛନ୍ତି। ଶ୍ରୀରାମଙ୍କ ମନ୍ଦିର ସହିତ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୂର୍ତ୍ତି ଭିଡିଓରେ ପ୍ରଦର୍ଶିତ ହୋଇଛି।

# ଲାଞ୍ଚ ମାମଲାରେ ଡାକ୍ତରଙ୍କୁ ୨ ବର୍ଷ ଜେଲ

ଭଦ୍ରକ, ୧୬।୧ (ସନାତନ ରାଉତ)

ଲାଞ୍ଚ ନେବା ମାମଲାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡା. କରୁଣାକର ରାଉତଙ୍କୁ ମଙ୍ଗଳବାର କଟକ ଭିଜିଲାନ୍ସ କୋର୍ଟ ୨ବର୍ଷ ଜେଲ ସହ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ରାଜ୍ୟ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଚାକିରିରୁ ନିଲମ୍ବନ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଚିଠି କରାଯାଇଛି।

ପ୍ରକାଶ ଯେ, ଡା. ରାଉତ ୨୦୧୪ରେ ଯାଜପୁର ଜିଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବାବେଳେ ଜଣେ ଠିକା ସ୍ୱାସ୍ଥ୍ୟ କର୍ମଚାରୀଙ୍କଠାରୁ ଲାଞ୍ଚ ନେଇ ତାଙ୍କ ଛୁଟିଦିନକୁ ନିୟମିତ କରିଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ମାମଲା (ନଂ.୩୦/୨୦୧୪) ରୁଜୁ କରାଯାଇଥିଲା। ଭିଜିଲାନ୍ସ କଟକ ଡିଭିଜନର ପୂର୍ବତନ ଡିଏସ୍‌ପି ଭରତ ଚନ୍ଦ୍ର ସେଠୀ ମାମଲାର ତଦନ୍ତ କରୁଥିବା ବେଳେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ଓ ସହଯୋଗୀ ଦୀପକ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ଅବସରପ୍ରାପ୍ତ ବିଚାରପତିଙ୍କ ଘରୁ ଚୋରି

କେନ୍ଦୁଝର,୧୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅଧୀନ କଲେଜରୋଡରେ ରହୁଥିବା ଅବସରପ୍ରାପ୍ତ ବିଚାରପତି ରାଜ କୁମାର ସାହୁଙ୍କ ଘରୁ ଚୋରି ହୋଇଛି। ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ଝରକା ତାଡି ଟଙ୍କା, ୩ ଭରି ସୁନା ଏବଂ ଏକ ଟାବଲେଟ୍ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଟାଉନ ଥାନା ଅଧିକାରୀ ଏବଂ ଏସ୍‌ଡିପିଓ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ. ୮୨/୨୪) ରୁଜୁ ହୋଇଛି।

# ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ କ୍ଷେତ୍ର ପରିଦର୍ଶନ

ବାସୁଦେବପୁର,୧୬।୧ (ନାରାୟଣ ପ୍ରସାଦ ବାରିକ୍)



ବିଧାୟକ ବିଷ୍ଣୁବ୍ରତ ରାଉତରାୟ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାରାପୁର ଓ ସାନକୃଷ୍ଣପୁର ପଞ୍ଚାୟତ କଷିଆ ସାମୁଦ୍ରିକ ଜେଟି ନିକଟରେ ପୃଥକ୍ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଆର୍‌ଏମ୍‌ସି ପକ୍ଷରୁ ନିର୍ମାଣ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସର କ୍ଷେତ୍ର ପରିଦର୍ଶନ କରି ବିଧାୟକ ପ୍ରଶାସନିକ ଅଧିକାରୀ, ବ୍ୟବସାୟୀ, ମତ୍ସ୍ୟଜୀବୀ ଓ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଦୁଇ ସ୍ଥାନରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ହେଲେ ଶତାଧିକ ବ୍ୟବସାୟୀ ଉପକୃତ ହେବେ ବୋଲି କହିଥିଲେ। ବିଡିଓ ସଞ୍ଜୀବ ସାହୁ, ଅତିରିକ୍ତ ତହସିଲଦାର ଅଜୟ କୁମାର ସାହୁ, ବ୍ଲକ ଏଇଇ ଅନୀଶ ସୁବୁଦ୍ଧି ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## କେଏ କ୍ରିକେଟ ଚାମ୍ପିୟନ ଟ୍ରଫି

# ସେମିରେ ୟଙ୍ଗ୍ ଷ୍ଟାର କ୍ଲବ

ରୂପସା, ୧୬।୧(ବାଞ୍ଛାନିଧି ଦେ)



ଟୁର୍ନାମେଣ୍ଟକୁ ଅତିଥିଗଣ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ କମଲ ଅଗ୍ରୱାଲ କ୍ରିକେଟ ଚାମ୍ପିୟନ ଟ୍ରଫି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ସୋର ଆରଏନ ସ୍ପୋର୍ଟିଂ କ୍ଲବକୁ ବାହାବଳପୁର ୟଙ୍ଗ୍ ଷ୍ଟାର କ୍ଲବ ୧୪୮ ରନରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ୟଙ୍ଗ୍ ଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ଦଳ ୨୮୫ ରନ ସଂଗ୍ରହ କରିଥିଲା। ବ୍ୟାଟ୍ସମ୍ୟାନ ନରୋତ୍ତମ ଭଞ୍ଜ ସର୍ବାଧିକ ୧୧୪ରନ କରିମ୍ୟାନ ଅଫ ଦିମ୍ୟାଚ୍ ବିବେଚିତ ହୋଇଥିଲେ। ଜବାବରେ ଆରଏନ ସ୍ପୋର୍ଟିଂ ୧୮.୧ ଓଭରରେ ୧୩୭ ରନରେ ଅଲଆଉଟ ହୋଇଯାଇଥିଲେ। ୟଙ୍ଗ ଷ୍ଟାର ବୋଲର ପ୍ରଶାନ୍ତ ଗୋଙ୍ଗେଇ ହାଟ୍ରିକ ସହ ୫ଟି ଉଇକେଟ ନେଇଥିଲେ। କ୍ଲବ ସଭାପତି ମୁକ୍ତିକାନ୍ତ ବେରାଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ୟବସାୟୀ ମନୀଷ ଅଗ୍ରୱାଲ ଏବଂ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ସୁନୀତା ବେହେରା, ମତ୍ସ୍ୟଜୀବୀ ସଂଘ ସଭାପତି ବିକାଶ ଦାସ, ସମ୍ପାଦକ ଗୋରାଚାନ୍ଦ ଜେନା, ସରପଞ୍ଚ ପ୍ରବୀର କୁମାର ସାହୁ ଓ ରାମନାରାୟଣ ଦ୍ୱିବେଦୀ, ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ, ସାମାଜିକ କର୍ମୀ ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଅମ୍ପାୟାର ଦିଲ୍ଲୀପ ବେରା ଓ ସଞ୍ଜୟ ବେରା ମ୍ୟାଚ ପରିଚାଳନା କରିଥିଲେ। ସଞ୍ଜୟ ମଣ୍ଡଳ ଓ ସୁବଳ ଜେନା ସ୍କୋରିଂ ଦାୟିତ୍ୱରେ ଥିଲେ। ପ୍ରେମଚାନ୍ଦ ପରିଡା ଓ ନୁମାନ ଅଲ୍ଲୀ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ମୁକ୍ତିକାନ୍ତ ବେରା, କ୍ରୀଡ଼ା ସମ୍ପାଦକ ବିବେକ ଦାସଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ଜାତୀୟ ସ୍ତରୀୟ ଦିବାରାତ୍ର ଭଲି ଟୁର୍ନାମେଣ୍ଟ

ଢେଙ୍କିକୋଟ, ୧୬।୧ (ନୀଳମଣି ମଣ୍ଡଳ)



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ୍ ଟିମ୍।

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ୧୩ତମ ଜାତୀୟ ସ୍ତରୀୟ ଦିବାରାତ୍ର ଭଲି ଟୁର୍ନାମେଣ୍ଟ ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କିକୋଟ ଭଲି କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମ୍ମାନନୀୟ ଅତିଥି ଭାବେ ସମ୍ବଲପୁର ଷ୍ଟେଟବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ପ୍ରଫୁଲ୍ଲ ସିଂହ, ସ୍ଥାନୀୟ ସରପଞ୍ଚ ଖଇର ନାଏକ, ଘଟଗାଁ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଢେଙ୍କିକୋଟ ବିକାଶ ମଞ୍ଚର ସଭାପତି ପ୍ରଫେସର ଯୁଗଳ କିଶୋର ଦାସ, ସାମାଜିକ କର୍ମୀ କୁଳମଣି ମଣ୍ଡଳ, ଅନ୍ତର୍ଜାତୀୟ ଭଲି ରେଫରୀ ନିରଞ୍ଜନ ନାୟକ ଓ କଳାକର ସାମଲ ଯୋଗ ଦେଇଥିଲେ। ଅପରାହ୍ନ ୨ଟା ବେଳେ ପ୍ରଫୁଲ୍ଲ ସିଂହ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ବିଭିନ୍ନ ରାଜ୍ୟରୁ ୧୬ ଟିମ୍ ଭାଗ ନେଇଥିଲେ। ରବିବାର ବିଳମ୍ବିତ ରାତିରେ ସହରାଞ୍ଚଳ ଟିମ୍ ହରିଆଣା ପଣ୍ଡଆ ଟିମ୍ ଓ କେନ୍ଦୁଝର ଯାମୁଯୋଡ଼ି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଯାମୁଯୋଡ଼ିକୁ ହରାଇ ପଣ୍ଡଆ ଟିମ୍ ଚାମ୍ପିୟନ ହୋଇଥିଲା। ଯାମୁଯୋଡି ରନର୍ସଅପ୍ ହୋଇଥିଲା। ଉଭୟ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସୋମବାର ଗ୍ରାମାଞ୍ଚଳ ଟିମ୍ ଆନନ୍ଦପୁର ପଣ୍ଡୁଆ ଓ ମୟୂରଭଞ୍ଜ ମିରିଗିମୁଣ୍ଡି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ପାଟଣା ବିଧାୟକ ଜଗନ୍ନାଥ ନାୟକ, ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ନାଏକ, ପ୍ରଫେସର ଦାସ, ଅନାଦି ଚରଣ ସିଂହ ଓ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ସିଂହ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ଭଲି କ୍ଲବ ସଭାପତି ଦିଗାମ୍ବର ନାୟକ। ସମ୍ପାଦକ ନିର୍ମଳ ଚନ୍ଦ୍ର ମହାନ୍ତ, ଉପଦେଷ୍ଟା ପ୍ରଫେସର ଯୁଗଳ କିଶୋର ଦାସ, କାହ୍ନୁ ଚରଣ ସାମଲ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

